## ସଂକ୍ଷେପରେ

### ୭୮ କେଜି ଗଞ୍ଜେଇ ସହ କାର ଜବତ, ଜଣେ ଗିରଫ

ବାଲିଗୁଡା,୧୧।୧(ସଞ୍ଜୟ କୁମାର ପାଣିଗ୍ରାହୀ) କନ୍ଧମାଳରୁ ବରଗଡକୁ ଏକ କାରରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ପୋଲିସ ହାବୁଡରେ ଜଣେ ପଡ଼ିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। କାରରୁ ପୋଲିସ ଦୁଇ ବସ୍ତା ୭୮ କେଜି ଗଞ୍ଜେଇ ଜବତ କରିଛି। ଗିରଫ ଜଣକ ହେଲେ ଭୁତମୁଣ୍ଡା ଗ୍ରାମର ଅକୃର ମାଝି। ବାଲିଗୁଡା ଥାନା ଅନ୍ତର୍ଗତ ବାରଖମା ଫାଣ୍ଡି ଅଧିକାରୀ ହରି ଶଙ୍କର ମାଠିଆ ସନ୍ଧ୍ୟାରେ ବାରଖମାଠାରୁ ପୁନୀନାଟ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ପୁନୀନାଟ ଜଙ୍ଗଲ ନିକଟରେ ଏକ କାର (ନଂ ଓଡି ୦୨ ଏଲ ୯୧୯୧)କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ସମୟରେ ଚାଳକ ପଳେଇଥିବା ବେଳେ ଗାଡିରେ ବସିଥିବା ବରଗଡ ଜିଲାର ପାଇକମାଳ ଥାନା ଅନ୍ତର୍ଗତ ଭୁତମୁଣ୍ଡା ଗ୍ରାମର ଅକୃର ମାଝିକୁ ଧରାପଡ଼ିଥିଲେ। ଏ ନେଇ ପୋଲିସ ବାଲିଗୁଡା ଥାନାରେ କେଶ ନଂ.୧୫ /୨୪ ରେ ଏକ ମାମଲା ରୁଜୁ କରିଛି।

### ନିର୍ମାଣାଧୀନ କାର୍ଯ୍ୟକୁ ଭଙ୍ଗାରୁଜା ଅଭିଯୋଗ

ଦିଗପହଣ୍ଡି,୧୧।୧(ଅଶେଷ ନାଥ ମିଶ୍ର)– ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମକୋଇ ପଞ୍ଚାୟତ ସିନ୍ଧୁଖାଳି ଗ୍ରାମ ଛକରେ ରାଜ୍ୟ ସରକାରଙ୍କ ଅନୁମୋଦନରେ ଚାଲିଥିବା ଯାତ୍ରୀ ବିଶ୍ରାମାଗାର ନିର୍ମାଣଧୀନ କାର୍ଯ୍ୟକୁ ବୁଧବାର ରାତିରେ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏ ନେଇ କେ.ନୂଆଗାଁ ଥାନାରେ ଏତଲା ହୋଇଛି। ଉକ୍ତ ଛକରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ କାର୍ଯ୍ୟ ଚାଲିଥିଲା। ତେବେ କିଛି ଦୁର୍ବୃତ୍ତ ଏହାକୁ ଭଙ୍ଗାରୁଜା କରିଥିବା ସକାଳୁ ଗ୍ରାମବାସୀ ଦେଖିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

### ବାଣ, ବୋମା ତିଆରି ଅଭିଯୋଗରେ ଜଣେ ଗିରଫ

ପାତ୍ରପୁର,୧୧।୧(ଉମା ଚରଣ ନେପାକ) ଜରଡ଼ା ଥାନା ପୋଲିସ ସବଦେଇପେଟା ଗ୍ରାମରେ ବେଆଇନ ବାଣ ଓ ଦେଶୀ ବୋମା ତିଆରି ଅଭିଯୋଗରେ ଜଣକୁ କୋର୍ଟ ଚାଲାଣ କରିଛି । ସେ ହେଲେ ବି. ବାସୁ। ସବଦେଇପେଟା ଗ୍ରାମର ବି. ବାସୁ ଓ ବି. ପ୍ରସାଦ ବାଣ ତିଆରି କରୁଥିବା ବେଳେ ଜରଡା ଥାନା ପୋଲିସର ଏକ ଟିମ ଚଢାଉ କରିଥିଲା। ସେଠାରୁ ବିପୁଳ ଅଫୁଟା ବାଣ ଜବତ କରିଥିବା ବେଳେ ଘଟଣାସ୍ଥଳରୁ ୨ଜଣ ଫେରାର ହୋଇଯାଇଥିଲେ । ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ୧ ବଖରା ଭସ୍ମୀଭୂତ

ବୁଗୁଡ଼ା, ୧୧।୧(କାଳିଚରଣ ଦାଶ) ଜଗତ ପାଟଣା ଗ୍ରାମର ହରିଜନ ସାହିରେ ଅଗ୍ନିକାଣ୍ଡ ଘଟି ଏକ ବଖରା ଘର ପୋଡି ଭସ୍ମୀଭୂତ ହୋଇ ଯାଇଛି। ଗୁରୁବାର ରାତିରେ କୈଳାସ ବେହେରାଙ୍କ ବଖରିଆ ଘରେ ନିଆଁ ଲାଗି ଲାଗି ଯାଇଥିଲା। ଘରୁ କୌଣସି ଜିନିଷ ବାହାର କରାଯାଇ ପାରିନଥିଲା। ବୁଗୁଡ଼ା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ତେବେ ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ଜଣାଯାଇଛି ।

# ମହିଳାଙ୍କ ଆର୍ଥିକ ବ୍ୟବସ୍ଥା ସୁଦୃଢ଼ ହେଲେ ଦେଶ ସୁଦୃଢ଼ ହେବ

**ଛତ୍ରପୁର/ଖଲ୍ଲିକୋଟ/ପୁରୁଷୋତ୍ତମପୁର/କୋଦଳା/ଗଞ୍ଜାମ/ବ୍ରହ୍ମପୁର, ୧୧।୧(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ/ପ୍ରଶାନ୍ତ କୁମାର ମିଶ୍ର/ ସୀମାଞ୍ଚଳ ମିଶ୍ର/ ଅମିତ ପଟ୍ଟନାୟକ/ବିଦ୍ୟାଧର ସାହୁ/ ନରସିଂହ ସାହୁ)**

**ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର, ଗ୍ରାମ୍ୟ ଶିଳ୍ପ ଉଦ୍ୟାନ ବୁଲିଲେ ରାଜ୍ୟପାଳ**

- ମା' ତାରାତାରିଣୀଙ୍କ ଦର୍ଶନ କଲେ
- ଡିମିରିଆ ପଞ୍ଚାୟତରେ ଆବାସ ଘର ବୁଲି ଦେଖିଲେ
- କୋଦଳାରେ ଲୋକଙ୍କ ସମସ୍ୟା ଶୁଣିଲେ
- ଭାଜପା ନେତା ଭେଟି ଦାବି ଜଣାଇଲେ



ମା' ତାରାତାରାଣୀ ମନ୍ଦିରରେ ରାଜ୍ୟପାଳ ରଘୁବର ଦାସ ପୂଜାର୍ଚ୍ଚନା କରୁଛନ୍ତି।

ଛତ୍ରପୁର ବ୍ଲକ ଅନ୍ତର୍ଗତ ଚମାଖଣ୍ଡିସ୍ଥିତ ମିଶନ ଶକ୍ତି ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ଓ ମିଶନ ଶକ୍ତି ଗ୍ରାମ୍ୟ ଶିଳ୍ପ ଉଦ୍ୟାନକୁ ରାଜ୍ୟପାଳ ରଘୁବର ଦାସ ଗୁରୁବାର ବୁଲି ଦେଖିଛନ୍ତି। ସେଠାରେ ଚାଲିଥିବା ବିଭିନ୍ନ ସାମଗ୍ରୀର ପ୍ରସ୍ତୁତି କାର୍ଯ୍ୟ ଦେଖିବା ସହିତ ମିଶନ ଶକ୍ତିର ମା'ମାନଙ୍କ ସହ ଆଲୋଚନା କରିଥିଲେ। ଆୟୋଜିତ ସଭାରେ ମିଶନ ଶକ୍ତି ମା'ମାନଙ୍କ ଏଭଳି ପ୍ରସ୍ତୁତି ଓ ପ୍ୟାକିଂକୁ ପ୍ରଶଂସା କରିଥିଲେ। ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ମହିଳାମାନେ ସ୍ୱାବଲମ୍ବୀ ହେବା ସହିତ ଯାହା ଟଙ୍କା ରୋଜଗାର କରୁଛନ୍ତି ତାହାକୁ ଠିକ୍ ଭାବେ ବ୍ୟବହାର କରିବା ଦରକାର। ଏଠାରେ ପ୍ରସ୍ତୁତ କରାଯାଉଥିବା ବିଭିନ୍ନ ସାମଗ୍ରୀ କିପରି ବ୍ରାଣ୍ଡିଂ ହେବ ଏବଂ ସେଗୁଡିକର କିପରି ମାର୍କେଟିଂ ହେବ ତାହାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମହିଳାମାନଙ୍କ ଅର୍ଥନୈତିକ ବ୍ୟବସ୍ଥା ସୁଦୃଢ ହେଲେ ରାଜ୍ୟ ଓ ଦେଶ ସୁଦୃଢ ହେବ ବୋଲି କହିଛନ୍ତି। ପରେ କାଳିଆବାଲି ଗ୍ରାମର ମିଶନ ଶକ୍ତିର ଏସ. ଜ୍ୟୋତି ରେଡ୍ଡୀ, ଅଗସ୍ତି ନୂଆଗାଁର କାଦାମ୍ବରୀ ଦାସ, ବଉଳଗାଁର ସଂଯୁକ୍ତା ସାହୁ ଓ ମାୟାପାଟଣା ଗ୍ରାମର ସିଏଚ ଦମୟନ୍ତୀ କିପରି ସେମାନେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି ଏବଂ ସେମାନଙ୍କୁ ବ୍ୟାଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନେ ସହଯୋଗ କରିଛନ୍ତି ସେ ସମ୍ପର୍କରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଭା କାର୍ଯ୍ୟକୁ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ ସଂଯୋଜନା କରିଥିବା ବେଳେ ଗଞ୍ଜାମ ଜିଲାପରିଷଦର ଅତିରିକ୍ତ ସିଇଓ ପ୍ରତାପ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ଉପରେ ମତ ପ୍ରକାଶ କରିଥିଲେ। ଗଞ୍ଜାମ ଏସ୍‌ପି ଜଗମୋହନ ମୀନା, ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ, ଛତ୍ରପୁର ଉପଜିଲାପାଳ ଦେବଦତ୍ତ ମହାନ୍ତ, ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଅତିରିକ୍ତ ଏସ୍‌ପି ଏସ. ବେହେରା, ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁ, ଓଡିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ସଂଯୋଜକ ନବିନ କୁମାର ସେନାପତି, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ଶାଶ୍ୱତ କୁମାର ସାହୁ, ଓରମାସ୍‌ର ଡେପୁଟି ସିଇଓ ସତ୍ୟ ସୁନ୍ଦର ପାଇତାଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଦକ୍ଷିଣ ଓଡିଶାର ପ୍ରସିଦ୍ଧ ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ଦର୍ଶନ କରିଛନ୍ତି। ମା'ଙ୍କ ପୂଜାର୍ଚ୍ଚନା କରି ଓଡିଶାବାସୀଙ୍କ ମଙ୍ଗଳ କାମନା କରିଛନ୍ତି। ପରେ ମନ୍ଦିରରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ମନ୍ଦିରରୁ ଫେରିବା ବାଟରେ ପାହାଡ ପାଦଦେଶରେ ବହୁ ମହିଳା ଧାଡିବାନ୍ଧି ଅଭିଯୋଗ ଜଣାଇବା ଲାଗି ଠିଆ ହୋଇଥିବା ଦେଖି ସେଠାରେ ଅଟକିଥିଲେ। ଗାଡିରୁ ଓହ୍ଲାଇ ସେମାନଙ୍କ ସମସ୍ୟା ବୁଝିଥିଲେ । ସେହିପରି ତାରାତାରିଣୀ ଠାରୁ ହୁମ୍ମା ଯିବା ବେଳେ ପୁରୁଷୋତ୍ତମପୁର ସହର ହାଡିସାହି ଛକଠାରେ ଦୀର୍ଘ ୧୧ ବର୍ଷ ହେଲା ଥାଲେସିଆ ରୋଗରେ ପୀଡ଼ିତ ନାବାଳକ ତନ୍ମୟ ବେହେରା ଚିକିତ୍ସା ନିମନ୍ତେ ଗୁହାରି କରିଥିଲେ। ସମସ୍ତ ମେଡିକାଲ ରିପୋର୍ଟକୁ ଦେଖି ସହାୟତା ଲାଗି ଏକ ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି କହିବା ସହ ସମସ୍ତ ପ୍ରକାର ଚିକିତ୍ସା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ।

ସେହିପରି ଖଲ୍ଲିକୋଟ ବ୍ଲକ ଡିମିରିଆ ପଞ୍ଚାୟତରେ ଥିବା ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ଆଲୋଚନା କରିଛନ୍ତି। ଲୋକଙ୍କ ଠାରୁ ସିଧାସଳଖ ଭାବେ ଆବାସ ଘର ଓ ଭତ୍ତା ପାଇଁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ।

ସେହିପରି କୋଦଳା ଏନ୍‌ଏସି ଉପାଧ୍ୟକ୍ଷା ରଞ୍ଜିତା ସେଠୀ ଭେଟି କୋଦଳା ସହରର ବିଭିନ୍ନ ସମସ୍ୟା ଉପରେ ଅବଗତ କରିଥିଲେ। ଏଥିସହ ଏକ ଲିଖିତ ଅଭିଯୋଗ ରାଜ୍ୟପାଳଙ୍କୁ ପ୍ରଦାନ କରିଛନ୍ତି। ପରେ ହୁମ୍ମା ଅଙ୍ଗନୱାଡି କେନ୍ଦ୍ର–୪ ପରିଦର୍ଶନ କରିଛନ୍ତି। କେନ୍ଦ୍ରରେ ପ୍ରତ୍ୟେକ ଶିଶୁଙ୍କୁ ରାଜ୍ୟପାଳ ଚକୋଲେଟ ପ୍ରଦାନ କରିଥିଲେ। ଗର୍ଭବତୀ ମା ଓ ଶିଶୁମାନେ ପୋଷଣଯୁକ୍ତ ଖାଦ୍ୟ ଆହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଗସ୍ତ ସମୟରେ ଉପଜିଲାପାଳ ଦେବଦତ୍ତ ମହନ୍ତ, ଏଡିଏମ୍ ଲିନା କୁମାରୀ ଖେସ, ଏସପି ଜଗମୋହନ ମିନା, ପୁରୁଷୋତ୍ତମପୁର ଏସଡିପିଓ ରଜନିକାନ୍ତ ସାମଲ, ସମସ୍ତ ବ୍ଲକର ବିଡିଓ ଓ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ।

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ରେ ଦୁର୍ନୀତି ଓ ଭ୍ରଷ୍ଟାଚାର ସୀମା ଟପିଛି। କେନ୍ଦ୍ର ସରକାର ସହରାଞ୍ଚଳ ବିକାଶ ଯୋଜନାରେ ନିଗମକୁ ମଞ୍ଜୁର ବିପୁଳ ପରିମାଣର ଅନୁଦାନ ବିଭିନ୍ନ ଭାବରେ ହରିଲୁଟ କରାଯାଉଛି। ଏହାର ତଦନ୍ତ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ ଦ୍ୱାରା କରାଯିବାକୁ ଭାଜପା ପକ୍ଷରୁ ରାଜ୍ୟପାଳଙ୍କୁ ନିବେଦନ କରାଯାଇଛି। ସେହିପରି ଛତ୍ରପୁର ସର୍କିଟ ହାଉସ ଠାରେ ଭେଟିଥିଲେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ଜିଲା ସଭାପତି ଡ଼ା. ସୁବାସ ସାହୁ, ଉପସଭାପତି ସୁନୀଲ ସାହୁ, ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ତୁତୁନ ପାତ୍ର, ଜିଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର ପ୍ରମୁଖ।

## ଆସିକା ତହସିଲ ପରିସରରେ ରାଜସ୍ୱ ମେଳା

ଆସିକା,୧୧।୧ (ସୁରେନ୍ଦ୍ର ନାଥ ସାହୁ):




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି

ଆସିକା ତହସିଲ କାର୍ଯ୍ୟାଳୟ ପରିସରରେ ଗୁରୁବାର ରାଜସ୍ୱ ମେଳା ଅନୁଷ୍ଠିତ ହୋଇଥିଲା । ଏହି ମେଳାରେ ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ଜନସାଧାରଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଭାରପ୍ରାପ୍ତ ତହସିଲଦାର ଦେବୀ ପ୍ରସାଦ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଆସିକା ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ଉପାଧ୍ୟକ୍ଷା ରେସମା ଦୋରା, ଉପନିବନ୍ଧକ ପ୍ରିୟବ୍ରତ ପାଲକ ପ୍ରମୁଖ ମଞ୍ଚାସୀନ ଥିଲେ। ଆସିକା ତହସିଲର ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ଜନସାଧାରଣଙ୍କୁ ୯୩୭ଗୋଟି ପଟ୍ଟା ବଣ୍ଟନ ହୋଇଥିଲା। ଆସିକା ତହସିଲରେ ସମୁଦାୟ ୬ହଜାର ୩୫୬ ଗୋଟି ଗ୍ରାମକଣ୍ଟକ ମାମଲା ରହିଥିଲା ବେଳେ ସେଥି ମଧ୍ୟରୁ ୬ ହଜାର ୯୮ ମାମଲାର ଫଇସଲା ସରିଛି ଏବଂ ଫଇସଲା ମାମଲା ମଧ୍ୟରୁ ୭ ହଜାର ୨୬୫ ପଟ୍ଟା ପ୍ରସ୍ତୁତ ହୋଇଅଛି । ପୂର୍ବରୁ ଏହି ତହସିଲରେ ୩ ହଜାର ୩୩୨୮ ଗ୍ରାମକଣ୍ଟକ ପଟ୍ଟା ବଣ୍ଟନ ସରିଥିଲା। ଅବଶିଷ୍ଟ ପଟ୍ଟା ମୋ ଗାଁରେ ତହସିଲ ଓ ରାଜସ୍ୱ ରଥ କାର୍ଯ୍ୟକ୍ରମ ମାଧ୍ୟମରେ ସଂପୃକ୍ତ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ତହସିଲଦାର ବାରିକ ସୂଚନା ଦେଇଥିଲା।

### ଆଇନଜୀବୀଙ୍କ ବିୟୋଗରେ ଶୋକ

କୋଦଳା,୧୧।୧(ଅମିତ କୁମାର ପଟ୍ଟନାୟକ) କବିସୂର୍ଯ୍ୟନଗର କୋର୍ଟର ବରିଷ୍ଠ ଆଇନଜୀବୀ ସୁଶାନ୍ତ କୁମାର ସ୍ୱାଇଁଙ୍କ ବିୟୋଗରେ କୋଦଳା ଓକିଲ ସଂଘ ପକ୍ଷରୁ ଶୋକ ସଭା ପାଳିତ ହୋଇଯାଇଛି। ମୃତ ସୁଶାନ୍ତ କୋଦଳା ଓକିଲ ସଂଘର ଆଗରୁ ବରିଷ୍ଠ ସଦସ୍ୟ ଥିଲେ। ଶୋକ ସଭାରେ ଓକିଲ ସଂଘର ଉପସଭାପତି ଅବନୀ ଶଙ୍କର ମିଶ୍ର, ସମ୍ପାଦକ ଗୋପାଳ କୃଷ୍ଣ ସାହୁ, ବରିଷ୍ଠ ଆଇନଜୀବୀ ଉଦୟ ନାଥ ପ୍ରଧାନ, ଭାସ୍କର ସ୍ୱାଇଁ, ପ୍ରଫୁଲ୍ଲ କୁମାର ମିଶ୍ର, ଭାଗୀରଥି ନାୟକ, ଭଗବାନ ହୋତା, ସୁବାସ ଚନ୍ଦ୍ର ସାହୁଙ୍କ ସହ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### କୁଇ ଆଦିବାସୀଙ୍କ ଜିଲାସ୍ତରୀୟ ବାର୍ଷିକୋତ୍ସବ

ମୋହନା,୧୧।୧(ମନ୍ମଥ ମିଶ୍ର) ମୋହନା ବ୍ଲକ ସ୍ଥାନୀୟ ସରକାରୀ ହାଇସ୍କୁଲ ପଡ଼ିଆଠାରେ ମହାଆଡମ୍ବରରେ ଜିଲାସ୍ତରୀୟ ୧୦ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପୂର୍ବତନ ଏମ୍‌ପି ତଥା ବର୍ତ୍ତମାନର ରାଜ୍ୟ ଆଦିବାସୀ ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗଞ୍ଜାମ, ଗଜପତି, ରାୟଗଡ଼ା ଓ କନ୍ଧମାଳ ଜିଲାରେ ଥିବା କୁଇ ସମାଜର ଜନସାଧାରଣଙ୍କୁ ନେଇ ଉତ୍ସବ ପାଳନ ହୋଇଥିଲା। ଏହି ବୈଠକରେ ସମ୍ମାନୀତ ଅତିଥି ଭାବେ ସମସ୍ତ ଜିଲାର କର୍ମକର୍ତ୍ତାଙ୍କ ସମେତ ରାୟଗଡା ଜିଲା ଆଦିବାସୀ ଏକତା ମଞ୍ଚ ସଭାପତି ଘାସିରାମ ମାଝୀ, ଫୁଲବାଣୀ କୁଇ ସମାଜ ସେବା ସମିତି ସମ୍ପାଦକ ଅବନୀ କୁମାର କଅଁର, ସମ୍ପାଦକ ବୀରେନ୍ଦ୍ର କୁମାର କଅଁର, ସଭାପତି ସୁଦର୍ଶନ କଅଁର, ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ନର୍ମଦା ଦଳାଇ, ରାମକୃଷ୍ଣ ଦଳାଇ, ପ୍ରଶାନ୍ତ ମଲ୍ଲିକ, ହାଡିଆ କନ୍ଧ, ରାଜୀବ ମଲ୍ଲିକ, ଅମୋଷ ମଲ୍ଲିକ, କୁନ୍ତଳା ମଲ୍ଲିକ, ଚନ୍ଦ୍ର ମଲ୍ଲିକ ଯୋଗ ଦେଇଥିଲେ। ଆଦିବାସୀ ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ ଉପସ୍ଥିତ ଥିବା ହଜାର ହଜାର କୁଇ କନ୍ଧ ସମାଜର ଲୋକଙ୍କୁ ଉଦବୋଧନ ଦେଇଥିଲେ। ସଭାକୁ ମୋହନା ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ମଲ୍ଲିକ ମଞ୍ଚ ପରିଚାଳନା କରିଥିବା ବେଳେ କମିଟିର ସଭାପତି ହରିଶ୍ଚନ୍ଦ୍ର ମଲିକ, ଉପସଭାପତି ମମତା ମଲିକ, ସମ୍ପାଦକ ଦାଉଦ ମଲିକ, ଯୁଗ୍ମ ସମ୍ପାଦକ ଯାକୋବ ମାଝୀ, କୋଷାଧ୍ୟକ୍ଷ ଜୀକରୀୟ ମଲିକ, ଉପଦେଷ୍ଟା ରବୀନ୍ଦ୍ର ମଲିକ, ମୋଷା ମାଝୀ, ଯୁଏଲ ମାଝୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୋହନା ପଞ୍ଚାୟତ ସମିତି ସଭ୍ୟ ବାଳକୃଷ୍ଣ ମଲ୍ଲିକ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ପ୍ରଦାନ କରିବାକୁ ଥିବା ସ୍ମାରକପତ୍ରକୁ ସର୍ବ ସମ୍ମୁଖରେ ପଠନ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

## ଗଞ୍ଜାମ ଜିଲାର ୧୪୯ ହାଇସ୍କୁଲ ରୂପାନ୍ତର

ଛତ୍ରପୁର, ୧୧।୧(ଦିଲ୍ଲୀପ ସାମଲ): ସ୍କୁଲ ରୂପାନ୍ତରୀକରଣର ଚତୁର୍ଥ ପର୍ଯ୍ୟାୟରେ ଗୁରୁବାର ୫ଟି ଜିଲାର ୩୮୯ଟି ରୂପାନ୍ତରିତ ହାଇସ୍କୁଲର ଲୋକାର୍ପଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେଥିମଧ୍ୟରୁ ଗଞ୍ଜାମ ଜିଲାର ସର୍ବାଧିକ ୧୪୯ଟି ହାଇସ୍କୁଲ ରହିଛି । ଚତୁର୍ଥ ପର୍ଯ୍ୟାୟରେ ଛତ୍ରପୁର ବ୍ଲକ ଅଞ୍ଚଳର ୮ ଟି ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଛତ୍ରପୁର ବ୍ଲକର ଭିକାରିପଲ୍ଲୀ ପଞ୍ଚାୟତର ହରିହରେଶ୍ୱର ହାଇସ୍କୁଲରେ ସରପଞ୍ଚ ମମତା ସୁବୁଦ୍ଧି, ପୂର୍ବତନ ସମିତି ସଭ୍ୟ ମଥୁରା ଚରଣ ସୁବୁଦ୍ଧି, ବିଡ଼ିଓ ସୁଶାନ୍ତ କୁମାର ବରାଳ ଉପସ୍ଥିତ ଥିଲେ। ବ୍ଲକର ୮ଟି



ହାଇସ୍କୁଲ ମଧ୍ୟରୁ ଆର୍ଯ୍ୟପଲ୍ଲୀ ହାଇସ୍କୁଲ, ପୋଲିସ ହାଇସ୍କୁଲ, ଭିକାରୀପଲ୍ଲୀ ଗ୍ରାମ ପଞ୍ଚାୟତର ହରିହରେଶ୍ୱର ପଞ୍ଚାୟତ ହାଇସ୍କୁଲ, କଣମଣା ଗ୍ରାମ ପଞ୍ଚାୟତର ଶ୍ରମଶକ୍ତି ବିଦ୍ୟାପୀଠ, ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତର ସରସ୍ୱତୀ ଗାର୍ଲସ ହାଇସ୍କୁଲ, ଟାଙ୍ଗଣାପଲ୍ଲୀ ଗ୍ରାମ ପଞ୍ଚାୟତର ହରଗୌରୀ ଗାର୍ଲସ ହାଇସ୍କୁଲ, ଲକ୍ଷ୍ମୀପୁର ପଞ୍ଚାୟତର ରାଧାକ୍ରିଷ୍ଣା ହାଇସ୍କୁଲ ଓ ଗୋବିନ୍ଦପୁର ହାଇସ୍କୁଲ ରହିଛି।

### ଜାତୀୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେଲେ ଛାତ୍ରୀ

ରାଇକିଆ,୧୧।୧(ପ୍ରଦୀପ ବେହେରା) ରାଇକିଆ ବ୍ଲକ ସୁଗଡବଡି ହାଇସ୍କୁଲର ଛାତ୍ରୀ ମୌସୁମୀ ନାୟକ କୋଲକାତାରେ ଅନୁଷ୍ଠିତ ଜାତୀୟ ସ୍ତରର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ଗୁରୁବାର ଭାଗ ନେଇଛନ୍ତି। ନଭେମ୍ବର ମାସରେ ସୁଗଡବାଡିଠାରେ ଅନୁଷ୍ଠିତ ବ୍ଲକ ସ୍ତରୀୟ ପ୍ରତିଯୋଗୀତାରେ ସ୍ମାର୍ଟ ବ୍ଲାଇଣ୍ଡ ଷ୍ଟିକ ପ୍ରକଳ୍ପ ପ୍ରଦର୍ଶୀତ କରି ଜିଲା ସ୍ତରର ପ୍ରଦର୍ଶନୀ ପାଇଁ ମନୋନୀତ ହେବା ସହ ପ୍ରଶଂସା ମଧ୍ୟ ସାଉଁଟି ଥିଲେ। ପରବର୍ତ୍ତୀ ସମୟରେ ସେ ରାଜ୍ୟ ସ୍ତରରେ ଏବଂ ଜାତୀୟସ୍ତର ପାଇଁ ମନୋନୀତ ହୋଇଥିଲେ। ଜଣେ ଦୃଷ୍ଟିହିନ ବ୍ୟକ୍ତି ଏହି ଷ୍ଟିକକୁ ବ୍ୟବହାର କରି ରାସ୍ତା ପାର ହେଉଥିବା ସମୟରେ ଯାନବାହାନ ଚଳାଚଳର ଆଗୁଆ ଆଲାରମ ସଂକେତ ମିଳି ପାରିବ । ଏନେଇ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

### ମତ୍ସ୍ୟଜେଟି ନିର୍ମାଣ, ପୋର୍ଟ ଚ୍ୟାନେଲ ଖୋଲିବା ଦାବି

**ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଲା ଭାଜପା**

ଛତ୍ରପୁର,୧୧।୧(ସନ୍ତୋଷ ପାଢୀ): ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ଆର୍ଯ୍ୟପଲ୍ଲୀ ସ୍ଥିତ ସମୁଦ୍ର ଉପକୂଳରେ ଫିସିଂ ହାରବୋର ଓ ମତ୍ସ୍ୟ ଜେଟି ନିର୍ମାଣ ସହ ପୋର୍ଟ ଚ୍ୟାନେଲ ଖୋଲିବା ପାଇଁ ଦାବି ହୋଇଆସୁଛି । ରାଜ୍ୟପାଳ ରଘୁବର ଦାସଙ୍କ ଗଞ୍ଜାମ ଜିଲା ଗସ୍ତ ବେଳେ ହୁମ୍ମା ଠାରେ ଭାଜପା ପକ୍ଷରୁ ଏକ ପ୍ରତିନିଧି ଦଳ ଭେଟି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ମତ୍ସ୍ୟ ଜେଟି ନିର୍ମାଣ ସହ ପୋର୍ଟ ଚ୍ୟାନେଲ ଖୋଲିବା ନେଇ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା । ଏହି ପ୍ରତିନିଧିଦଳରେ ଭାଜପା ନେତା ପ୍ରଶାନ୍ତ କର, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଛତ୍ରପୁର ଏନଏସି ଭାଜପା ମଣ୍ଡଳ ସଭାପତି ସଂଜିତ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ ।

## ପଣ୍ଡିତ ଗୁରୁ ରଘୁନାଥ ପାଇଲେ କଳାଶ୍ରୀ ସମ୍ମାନ

ପାରଳାଖେମୁଣ୍ଡି, ୧୧।୧(ଗିରିଧାରୀ ପରିଚ୍ଛା): ବ୍ରହ୍ମପୁର ଖଲ୍ଲିକୋଟ କଲେଜ ପଡିଆଠାରେ ଅନୁଷ୍ଠିତ ମା'ତାରିଣୀ ମହୋତ୍ସବଅବସରରେପାରଳାଖେମୁଣ୍ଡିର ବିଶିଷ୍ଟ ସଙ୍ଗୀତଜ୍ଞ ପଣ୍ଡିତ ଗୁରୁ ରଘୁନାଥ ପାତ୍ର 'କଳାଶ୍ରୀ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଓଡିଶା ନୃତ୍ୟାୟନ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଲୋକସଭା ଏମପି ଚନ୍ଦ୍ରଶେଖର ସାହୁ, ଅନ୍ୟତମ ଅତିଥି ଭାବେ ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳାଇ ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟର କୁଳପତି ଡ଼ଃ ପ୍ରଫୁଲ୍ଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସମ୍ପାଦକ ଗୁରୁ ଶିବରାମ ବାରିକ, ଡଃ ଚନ୍ଦନ ଗନ୍ତାୟତ, ଅଭୟେନ୍ଦୁ ପଟ୍ଟନାୟକ, ପ୍ରଭାତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗୁରୁ ରଘୁନାଥ ଓ ତାଙ୍କ ଦଳ ତରଫରୁ ଫିୟୁଜେନ ମ୍ୟୁଜିକ ପରିବେଷଣ କରାଯାଇଥିଲା।



### ବାମଦେବ ଉଚ୍ଚ ବିଦ୍ୟାଳୟ ଡିଆଁଡେଇଁ ଲୋକାର୍ପିତ

ରମ୍ଭା,୧୧।୧(ବନବାସୀ ସେଠୀ) ଗଞ୍ଜାମ ବ୍ଲକ ଅନ୍ତର୍ଗତ ଡିଆଁଡେଇଁ ଉଚ୍ଚ ବିଦ୍ୟାଳୟ ରାଜ୍ୟ ସରକାରଙ୍କ ୪ର୍ଥ ପର୍ଯ୍ୟାୟରେ ୧୪୯ ସ୍କୁଲ ମଧ୍ୟରେ ଡିଆଁଡେଇଁ ହାଇସ୍କୁଲ ଲୋକାର୍ପଣ ହୋଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ମିଶ୍ର ସଭାପତିତ୍ୱ କରି ବାର୍ଷିକ ବିବରଣୀ ପଠନ କରିଥିଲେ। ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ବାଳକୃଷ୍ଣ ମହାରଣା, ସମ୍ମାନିତ ଅତିଥି ପୂର୍ବତନ ସମିତିସଭ୍ୟ ମନୋରଞ୍ଜନ ନାହାକ, ପୂର୍ବତନ ସରପଞ୍ଚ ମାନସ କୁମାର ନାହାକ, ସମିତିସଭ୍ୟ ହଜାରୀ ରାମ ବେହେରା, ସରପଞ୍ଚ ମନୋଜ କୁମାର ବେହେରା,୧୫ ନଂ ଜୋନ ଜିଲା ପରିଷଦ ସନାତନ ବେହେରା, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ଚନ୍ଦ୍ରଶେଖର ନାୟକ ମଞ୍ଚାସିନ ଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା ଏବଂ ଅକ୍ଷୟ କୁମାର ମହାଲିକ ଧନ୍ୟବାଦ ଦେଇଥିଲେ।

## ୪ ରାସାୟନିକ ଶିଳ୍ପରେ ମକ୍‌ଡ୍ରିଲ

**ଛତ୍ରପୁର,୧୧।୧(ସନ୍ତୋଷ ପାଢ଼ୀ):** ଗଞ୍ଜାମ ଜିଲାର ୪ଟି ଶିଳ୍ପ ଅନୁଷ୍ଠାନ ଗ୍ରାସୀମ, ସନଟେକ, ଟାଟା ଫେରୋକ୍ରମ ଏବଂ ଭାରତୀୟ ବିରଳ ମୃତ୍ତିକା ଶିଳ୍ପଗୁଡିକରେ ଗୁରୁବାର ମକ୍‌ଡ୍ରିଲ କରାଯାଇଛି। ପୂର୍ବରୁ ୯ ତାରିଖରେ ଟେବୁଲ ଟପ ଏକ୍ସରସାଇଜ କରାଯାଇଥିଲା। ରାସାୟନିକ ବିପର୍ଯ୍ୟୟର ମୁକାବିଲା କରିବା ସକାଶେ ଏହାର ପୂର୍ବ ପ୍ରସ୍ତୁତି ଅପରିହାର୍ଯ୍ୟ। ଏଣୁ ଜାତୀୟସ୍ତରୀୟ ଜିଲା ଏବଂ ଗ୍ରାମାଞ୍ଚଳରେ ସତର୍କତା ଅବଲମ୍ବନ ଜରୁରୀ। ଜନ ଜୀବନ ସମେତ ଜୀବ ଜଗତର ସୁରକ୍ଷା ସକାଶେ ରାସାୟନିକ ଦୁର୍ଘଟଣା ଯେମିତି ଘଟିବ ନଘଟିବ ସେଥି ନିମନ୍ତେ ପ୍ରସ୍ତୁତି ଆବଶ୍ୟକ। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗ କ୍ରମେ ରାଜ୍ୟସ୍ତରୀୟ ରାସାୟନିକ ବିପର୍ଯ୍ୟୟର ନିୟନ୍ତ୍ରଣ ଏବଂ ଏହାକୁ ରୋକିବା ନିମନ୍ତେ କିଭଳି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ସେଥିନେଇ ମକ୍‌ଡ୍ରିଲ ଆୟୋଜନ କରାଯାଇ ଆଶୁ ପଦକ୍ଷେପ ଗ୍ରହଣ କରାଯାଇଛି।

## ନୟନତାରାଙ୍କ ନାମରେ ମାମଲା



ମୁମ୍ବାଇ: ଅଭିନେତ୍ରୀ ନୟନତାରା ଏବଂ ଜୟଙ୍କ ଫିଲ୍ମ 'ଅନ୍ନପୂର୍ଣ୍ଣି' ନିକଟରେ ଓଟିଟିରେ ରିଲିଜ୍ ହୋଇଛି। ହେଲେ ଏହି ଫିଲ୍ମକୁ ନେଇ ଅନେକ ବିବାଦ ମୁଣ୍ଡ ଟେକିଛି। ସିନେମାରେ ହିନ୍ଦୁ ସମୁଦାୟର ଧାର୍ମିକ ଭାବନାକୁ କ୍ଷତି ପହଞ୍ଚାଇବା ଏବଂ ଲଭ୍ ଜିହାଦ୍‌କୁ ସମର୍ଥନ କରିବା ଭଳି ଅଭିଯୋଗ ରହିଛି। ଗତ ଡିସେମ୍ବର ୧ରେ ରିଲିଜ୍ ହୋଇଥିବା ଏହି ଫିଲ୍ମରେ ପ୍ରଭୁ ରାମଙ୍କ ସମ୍ବନ୍ଧୀୟ ଏକ ବିବାଦପୂର୍ଣ୍ଣ ଟିପ୍ପଣୀକୁ ସାମିଲ କରାଯାଇଛି। ଯେଉଁଥିପାଇଁ ସିନେମା ଏବେ ବିବାଦ ଘେରକୁ ଆସିଛି। ଫିଲ୍ମ ନିର୍ମାତା ଆର୍. ରବିନ୍ଦ୍ରନ୍ ଏବଂ ଯତୀନ ସେଠୀ, ନିର୍ଦ୍ଦେଶକ ନିଲେଶ କ୍ରିଷ୍ଣାଙ୍କ ସମେତ ଅଭିନେତ୍ରୀ ନୟନତାରାଙ୍କ ସହ ସମସ୍ତ ଷ୍ଟାରଙ୍କ ବିରୋଧରେ ମୁମ୍ବାଇ ପରେ ଏବେ ମଧ୍ୟପ୍ରଦେଶରେ ମଧ୍ୟ ମାମଲା ରୁଜୁ କରାଯାଇଛି। ମୁମ୍ବାଇରେ ଅଭିଯୋଗକାରୀ ରମେଶ ସୋଲଙ୍କି 'ଏକ୍ସ'ରେ ତାଙ୍କର ଏକ ପୋଷ୍ଟ ଶେୟାର କରିବା ସହ ଥାନାରେ ଅଭିଯୋଗ କରିଛନ୍ତି। ଯେଉଁଥିରେ ବାଲ୍ମୀକି ରାମାୟଣକୁ ଭୁଲ ଭାବେ ଦର୍ଶାଯାଇଥିବା ସହ ସିନେମାରେ ପ୍ରଭୁ ରାମ ମାଂସ ଭକ୍ଷଣ କରୁଥିବା ଆକ୍ଷେପ କରାଯାଇଛି। ମଧ୍ୟପ୍ରଦେଶ ଜବଲପୁରରେ ହିନ୍ଦୁବାଦୀ ସଂଗଠନ ନୟନତାରାଙ୍କ ସମେତ ଅନ୍ୟ ଷ୍ଟାରଙ୍କ ବିରୋଧରେ ମାମଲା ରୁଜୁ କରିଛି। ହିନ୍ଦୁସେବା ପରିଷଦର ଅତୁଲ ଜୈଶୱାନିଙ୍କ କହିବା ମୁତାବକ, ସିନେମାରେ ଏପରି କିଛି ଦୃଶ୍ୟ ରହିଛି ଯେଉଁଥିରେ ପ୍ରଭୁ ରାମଙ୍କୁ ଅପମାନ କରାଯାଇଛି। ଏଥିସହ କିଛି ଟିପ୍ପଣୀ ରହିଛି, ଯାହା ହିନ୍ଦୁଙ୍କ ଭାବନାକୁ କ୍ଷତି ପହଞ୍ଚାଉଛି। ଫିଲ୍ମରେ ନୟନତାରା ଜଣେ ରୋଷେୟା ଭୂମିକାରେ ନଜରକୁ ଆସିଛନ୍ତି। ସେଥିରେ ସେ ତାଙ୍କ ମା' ବାରଣ ସତ୍ତ୍ୱେ ଏକ ରିଆଲିଟି ଶୋ' 'ଇଣ୍ଡିଆଜ୍ ବେଷ୍ଟ ସେଫ୍'ରେ ଭାଗ ନେଇଛନ୍ତି। ସେ ଜଣେ ବ୍ରାହ୍ମଣ ଘରର ଝିଅ ହୋଇଥିବାବେଳେ ସେ ଆମିଷ ଖାଦ୍ୟ ରାନ୍ଧିବା ଏବଂ ରୋଷେଇ ପ୍ରତିଯୋଗିତା ପୂର୍ବରୁ ସେ ନମାଜ ପଢୁଥିବା ଦେଖିବାକୁ ମିଳିଛି। ତେବେ ଫିଲ୍ମରେ କାର୍ତ୍ତିକ କୁମାର, ସତ୍ୟରାଜ୍, ରେଣୁକା, କେ.ଏସ୍. ରବି କୁମାର, ପୂର୍ଣ୍ଣିମା ରବି, ସୁରେଶ ଚକ୍ରବର୍ତ୍ତୀ, ରେଡିନ କିଙ୍ଗ୍‌ସଲେ ପ୍ରମୁଖ ନଜରକୁ ଆସିଛନ୍ତି।

